# କଟକ ସିଟି



## ବାଉନ ବଜାର ତେପନ ଗଳି






## ପର୍ବପର୍ବାଣୀ ଓ ଯାନିଯାତରା

ସାହିରେ ୧୨ ମାସରେ ୧୩ ଯାତ୍ରା ହେଉଥିବା ବେଳେ ତ୍ରିନାଥ ମେଳା, ଦୁର୍ଗାପୂଜା, କାଳୀପୂଜା, ଗଣେଶ ପୂଜା, କାର୍ତ୍ତିକେଶ୍ୱର ପୂଜା ଓ ସରସ୍ୱତୀ ପୂଜା ବଡ଼ ଧୂମଧାମରେ ପାଳିତ ହୋଇଥାଏ। ସାହିର ଥିବା ଶୈବ ମନ୍ଦିର ରାମେଶ୍ୱରଙ୍କ ପୀଠରେ ବାର୍ଷିକ ଉତ୍ସବ, ଶୀତଳ ଷଷ୍ଠୀ ଓ ଶିବରାତ୍ରି ମହାସମାରୋହରରେ ପାଳନ କରାଯାଇଥାଏ। ରଥଯାତ୍ରା ଓ ଅଗିପୂର୍ଣ୍ଣୀମା ମଧ୍ୟ ବିଭିନ୍ନ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥାଏ।



# ଫିରିଙ୍ଗିବଜାର







"ଏଠାକାର ମାଟି କଥା କୁହେ, ପାଣି ଓ ପବନ'ରେ ଭରି ରହିଛି ହଜାର ବର୍ଷର ବାସ୍ନା। ଏଠି ସବୁ ହୃଦୟରେ ଦେଖିବାକୁ ମିଳେ 'ଭାଇଚାରା'ର ନିଆରା ନିଦର୍ଶନ। କିଏ, କେଉଁଠି, କାହିଁକି ଓ କେମିତି ଏ ସହରକୁ ଆସିଛି, ତାହା ଏଠି ବୁଝାଯାଏ ନାହିଁ। ଭାଇ'ଟିଏ ହୋଇ କାନ୍ଧ' ଦେଖାଏ ଏ ସହର। କେବେ ମା'ପରି ପଣତକାନିରେ ଲୁହ ପୋଛି ଦିଏ ତ ଆଉ କେତେବେଳେ ବାପା'ଟିଏ ହେଇ ଅନୁଶାସନର ନାଲି ଆଖି ଦେଖାଏ। ସାମ୍ପ୍ରତିକ ଅତ୍ୟାଧୁନିକ ସହରୀ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ଏ ସହର ଦେଖାଏ ଏକ ବିରାଟ୍ ଗାଁ'ର ଆତ୍ମୀୟତା... ଏବେ ରୂପାନ୍ତରଣ'ର ସ୍ପର୍ଶରେ ଝଲସୁଛି ରୌପ୍ୟନଗରୀ। ଏ ସହର ଛାତି ଉପରେ ଛିଡା ହୋଇ ଆକାଶ'କୁ ମୁଣ୍ଡ ଟେକିଲାଣି ନୂଆ ଏକ କଟକ। ଆଉ ନାହିଁ ସେ ଦିନର ସଂକୀର୍ଣ୍ଣ ରାସ୍ତା, ଦୁର୍ଗନ୍ଧ ପରିବେଶ, ଅଳିଆ ଓ ଆବର୍ଜନାମୟ ସଂଗୀନ ସ୍ଥିତି। ଏବେ ଚମକୁଛି ବାଉନ ବଜାର ତେପନ ଗଳି'। ଏଠାକାର ଗଳିକନ୍ଦିରେ ଲୁଚି ରହିଛି ହଜାର ବର୍ଷର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ଇତିହାସ। କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅରେ ପ୍ରତିଷ୍ଠା ହୋଇଥିବା ଏ ସହରର 'ବାଉନ ବଜାର ତେପନ ଗଳି' ପଛରେ ଥିବା କାହାଣୀ'କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା..."

## ନାଁ ପଛର କାହାଣୀ

କଟକ ସହରର ଏକ ପରିଚିତ ଅଞ୍ଚଳ କହିଲେ ଫିରିଙ୍ଗି ବଜାରକୁ ବୁଝାଇଥାଏ। ତେବେ ଫିରିଙ୍ଗି ବଜାର ନାଁ ପଛର କାହାଣୀ ହେଉଛି, ଦେଶ ସ୍ୱାଧୀନ ହେବା ପୂର୍ବରୁ ଇଂରେଜ ମାନଙ୍କ ଶାସନ ଚାଲିଥିଲା। କିଛି ଇଂରେଜ ଅଧିକାରୀ ଏହି ଅଞ୍ଚଳରେ ବସତି ସ୍ଥାପନ କରି ରହିବା ସହ ଏଠାରେ ଏକ ହୋଟେଲ ମଧ୍ୟ ସ୍ଥାପନ କରିଥିଲେ। ଇଂରେଜମାନଙ୍କୁ ଫିରଙ୍ଗୀ କୁହାଯାଉଥିବାରୁ ଏହି ଅଞ୍ଚଳ କାଳକ୍ରମେ ଫିରିଙ୍ଗି ବଜାର ଭାବେ ଲୋକମୁଖରୁ ଶୁଣିବାକୁ ମିଳିଲା। ଦେଶ ସ୍ୱାଧୀନତା ପରେ ଇଂରେଜ ମାନେ ଏଠାରୁ ପଳାଇଲେ ହେଲେ ଆଜି ବି ଏହି ଅଞ୍ଚଳକୁ ଫିରିଙ୍ଗି ବଜାର ଭାବେ କୁହାଯାଇଥାଏ।










## ପ୍ରମୁଖ ଧର୍ମାନୁଷ୍ଠାନ

ଫିରିଙ୍ଗି ବଜାର ଦୁର୍ଗା ମନ୍ଦିର, ରାମେଶ୍ୱର ଶିବ ମନ୍ଦିର ରହିଥିବା ବେଳେ ପ୍ରସିଦ୍ଧ ବିବି ଆଲମଙ୍କ ପୀଠ ମଧ୍ୟ ଏଠାରେ ରହିଛି।

## ବିଭିନ୍ନ କ୍ଲବ୍ ଓ ଯୁବକ ସଂଘ

ଫିରିଙ୍ଗି ବଜାରରେ ଏକମାତ୍ର କ୍ଲବ୍ ମହାବୀର ୟୁଥ ଆସୋସିଏସନ ରହିଛି। ୧୯୮୬ ମସିହାରେ ଡକ୍ଟର ହରେକୃଷ୍ଣ ମହତାବ ଏହାକୁ ଉଦଘାଟିତ କରିଥିବା ବେଳେ। ଏହି କ୍ଲବ୍ ଆରମ୍ଭରୁ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ଜଡ଼ିତ ରହିଥିବା ବେଳେ ନିଶା ନିବାରଣ କ୍ଷେତ୍ରରେ ମଧ୍ୟ ଏକ ପ୍ରମୁଖ ଅନୁଷ୍ଠାନ ଭାବରେ ପରିଗଣିତ। ଏଥି ସହ କ୍ଲବ୍ ଆରମ୍ଭରୁ ଏକ ଦାତବ୍ୟ ହୋମିଓପ୍ୟାଥିକ ଚିକିତ୍ସାଳୟ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଚାଲିଛି। ଏହି ଚିକିତ୍ସାଳୟରେ ଗରିବ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ମଧ୍ୟ ବିତରଣ କରାଯାଇଥାଏ।




## ପରିସୀମା

କଟକ ମହାନଗର ନିଗମର ୨୦ ଓ ୨୧ନଂ ୱାର୍ଡରେ ଏହି ଅଞ୍ଚଳ ଅବସ୍ଥିତ। ଫିରିଙ୍ଗି ବଜାରର ପରିସୀମା ସତ୍ୟନାରାୟଣ ଚୌଧୁରୀଙ୍କ ଘର ନିକଟରୁ ଆରମ୍ଭ ହୋଇ ରଘୁନାଥ ମୋଦିଙ୍କ ଘର ପର୍ଯ୍ୟନ୍ତ ରହିଥିବା ବେଳେ ଅପରପାର୍ଶ୍ୱରେ ତେଲେଙ୍ଗାବଜାର ସୀମାରେ ଥିବା ରବି ବେହେରା ଓ କୃଷ୍ଣଚନ୍ଦ୍ର ରାଉତରାୟଙ୍କ ଘର ପର୍ଯ୍ୟନ୍ତ ସାହିର ସୀମା ରହିଛି। ଫିରିଙ୍ଗି ବଜାର ଅଞ୍ଚଳ ପୁରୀଘାଟ ଥାନା ପରିସୀମା ମଧ୍ୟରେ ଆସୁଥିବା ବେଳେ ସାହିରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି।

## ଖାଦ୍ୟ ଦେଇଛି ପରିଚୟ

ଫିରିଙ୍ଗିବଜାର ଅଞ୍ଚଳରେ ପୂର୍ବରୁ ବ୍ୟବସାୟ କରୁଥିବା ଗର୍ନ୍ଧବ ସିଂହଙ୍କ ଚକୁଳି ସହରରେ ବେଶ ପରିଚିତ ଥିଲା। ଗର୍ନ୍ଧବଙ୍କ ଚକୁଳି ଖାଇବାକୁ ସହରର ବିଭିନ୍ନ ସ୍ଥାନରୁ ଲୋକମାନେ ଆସି ଏଠାରେ ଭିଡ଼ ଜମାଉଥିଲେ।

## ପୂଜା କମିଟି କର୍ମକର୍ତ୍ତା

ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ, ସାଧାରଣ ସମ୍ପାଦକ ନରେଶ କୁମାର ସାହୁ, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ନରେନ୍ଦ୍ର ଘୋଷ, ଇସାକ ଖାନ, ଦେବଦତ୍ତ ପାଲ, ସହ ସମ୍ପାଦକ ନିର୍ବାଣ ରାୟ, ଦେବକୀ ନନ୍ଦନ ବାଜୋରିଆ, ଲଳିତେନ୍ଦୁ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ସରୋଜ ମହାନ୍ତି, ସହ କୋଷାଧ୍ୟକ୍ଷ ବଂଶୀଧର ସିଂହ।

## ପ୍ରମୁଖ ଅନୁଷ୍ଠାନ ପ୍ରତିଷ୍ଠାନ

ଫିରିଙ୍ଗିବଜାର ଦୁର୍ଗା ପୂଜା କମିଟି ଓ ଚିନ୍ମୟ ମିଶନ ଭଳି ଅନୁଷ୍ଠାନ ମଧ୍ୟ ଏହି ସାହିରେ ରହିଛି।

## ସାହିର ବିଶିଷ୍ଟ ବ୍ୟକ୍ତିବିଶେଷ

ପୂର୍ବତନ ଗଭର୍ଣ୍ଣର ସ୍ୱର୍ଗତ ନିତ୍ୟାନନ୍ଦ କାନୁନଗୋ, ସ୍ୱର୍ଗତ ଭରତ ସିଂହ, ସ୍ୱର୍ଗତ ଆଦିତ୍ୟ ବଲ୍ଲଭ ରାୟ, ସ୍ୱର୍ଗତ ଗୌରମୋହନ ପାଲ, ସ୍ୱର୍ଗତ ସତ୍ୟନାରାୟଣ ଚୌଧୁରୀ, ସ୍ୱର୍ଗତ ରଘୁନାଥ ଦାସ ମୋଦି, ସ୍ୱର୍ଗତ ଶଙ୍କର କେୟାଲ, ସ୍ୱର୍ଗତ ନନ୍ଦ କିଶୋର ସାହୁ, ସ୍ୱର୍ଗତ ରାମଚନ୍ଦ୍ର ନନ୍ଦୀ, ସ୍ୱର୍ଗତ ହରିହର ଦାସ, ସ୍ୱର୍ଗତ ରବୀନ୍ଦ୍ର ସାହୁ, ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ, ସ୍ୱର୍ଗତ କୃଷ୍ଣଚନ୍ଦ୍ର ରାଉତରାୟ, ସ୍ୱର୍ଗତ ପଦ୍ମଚରଣ ଦାସ, ସ୍ୱର୍ଗତ ଅତୁଲ ଚନ୍ଦ୍ର ମିତ୍ର, ସ୍ୱର୍ଗତ ମୋହନଲାଲ ବାଗେଡ଼ିଆ, ସ୍ୱର୍ଗତ ଡ. ବିଜନ ନାୟକ, ସ୍ୱର୍ଗତ ଗୋପାଳ ସେଠୀ, ସ୍ୱର୍ଗତ କୃଷ୍ଣଚନ୍ଦ୍ର ସେଠୀ, ସ୍ୱର୍ଗତ ବିଷ୍ଣୁ ସେଠୀ, ସ୍ୱର୍ଗତ ନନ୍ଦ ସେଠୀ, ସ୍ୱର୍ଗତ ୟୁସୁଫ ଖାନ, ସ୍ୱର୍ଗତ ଶେଖ ମଙ୍ଗା, ସ୍ୱର୍ଗତ କମଳାକାନ୍ତ ଘୋଷ, ସ୍ୱର୍ଗତ ଭୂବନମୋହନ ପାଲ, ସ୍ୱର୍ଗତ ବିଭୂତି ଦଳେଇ, ସ୍ୱର୍ଗତ ସତ୍ୟନାରାୟଣ ଦାସ, ସଙ୍ଗୀତକାର ଶେଖର ଘୋଷ, ସ୍ୱର୍ଗତ ବିଜୟ କୁମାର ଦତ୍ତ, ସ୍ୱର୍ଗତ ଶଙ୍କର ଚୌଧୁରୀ, ସ୍ୱର୍ଗତ କେଳୁଚରଣ ନାୟକ, ସ୍ୱର୍ଗତ ବଙ୍ଗୁ ଦାସ, ସ୍ୱର୍ଗତ ଲୋକନାଥ ଦାସ, ସ୍ୱର୍ଗତ ନିର୍ମଳ ବାନାର୍ଜୀ, ସ୍ୱର୍ଗତ ଜୟୀ ବେହେରା, ସ୍ୱର୍ଗତ ବିଷ୍ଣୁଚରଣ ରଥ, ସ୍ୱର୍ଗତ ହରିରାମ ଅଗ୍ରୱାଲ, ସ୍ୱର୍ଗତ ରାଜକିଶୋର ଜାଜୋଡିଆ, ସ୍ୱର୍ଗତ ଶେଖ ଫକୀର, ସ୍ୱର୍ଗତ ଆଲ୍ଲାଉଦ୍ଦିନ ଖାନ, ସ୍ୱର୍ଗତ ଗୋକୁଳ ବାଜୋରିଆ, ସ୍ୱର୍ଗତ ବିରଭଦ୍ର ଦାସ, ଶ୍ରୀବତ୍ସ ସାହୁ, ଚନ୍ଦ୍ରଶେଖର ସାହୁ, ସ୍ୱର୍ଗତ କେଦାରନାଥ ଶର୍ମା, ସ୍ୱର୍ଗତ ସେଖ ଆଇମତ୍, ସ୍ୱର୍ଗତ କାଳନ୍ଦୀ ବେହେରା, ସ୍ୱର୍ଗତ କିଶୋର ଚନ୍ଦ୍ର ଦଳାଇ, ଭବାନୀ ଶଙ୍କର ରାଉତରାୟ, ମାନସ ଦାସ, ସରୋଜ କେୟାଲ, ଗୌତମ ଘୋଷ, ବଙ୍କିମ ସେନ, ସ୍ୱର୍ଗତ ସୁରେଶ କୁମାର ସାହୁ, ସନାତନ ସାହୁ, ଗିରିଧାରୀଲାଲ ଜୋଶୀ, ସଞ୍ଜୀବ ଘୋଷ, ସ୍ୱର୍ଗତ ଅସିତ ମିତ୍ର, ଦେବେନ୍ଦ୍ର ମିତ୍ର, ଅଶୋକ କେୟାଲ, ସ୍ୱର୍ଗତ ବିଷ୍ଣୁଚରଣ ଚୌଧୁରୀ, ସେଖ ଜାଫର ଅଲ୍ଲୀ, ଶେଖ ଅହମ୍ମଦ, ସୁରେଶ ଚନ୍ଦ୍ର ନନ୍ଦୀ, ରାଜକିଶୋର ଚିମନିକା, କମଲେଶ ସାଗର, ସଞ୍ଜୟ କେୟାଲ, ସ୍ୱର୍ଗତ ମହମ୍ମଦ ହୁସେନ, ବିଭୂତି ଭୂଷଣ ମାଝୀ, ଶକ୍ତିପ୍ରସନ୍ନ ଘୋଷ, ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଘୋଷ, ସ୍ୱର୍ଗତ ସତ୍ୟପ୍ରସନ୍ନ ରାୟ, ସ୍ୱର୍ଗତ ସନ୍ଦୀପ ସାହୁ, ସନ୍ତୋଷ ଜେନା, ହରିରାମ ଅଗ୍ରୱାଲ।

## ସାହିର ସମସ୍ୟା

ସାହିର ପ୍ରମୁଖ ସମସ୍ୟା ହେଉଛି ବର୍ଷାଦିନେ ଜଳ ନିଷ୍କାସନ। ସାହିରେ ଥିବା ମୁସଲିମ୍ ବସ୍ତିରେ ତ୍ରୁଟିପୂର୍ଣ୍ଣ ଡ୍ରେନେଜ ବ୍ୟବସ୍ଥା ହୋଇଥିବାରୁ ବର୍ଷା ଦିନେ ପାଣି ନିଷ୍କାସିତ ନ ହୋଇ ସେମାନଙ୍କ ଘର ମଧ୍ୟକୁ ପ୍ରବେଶ କରିଥାଏ। ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ବିବି ଆଲମ୍‌ଙ୍କ ଅଲୌକିକ କାହାଣୀ

କାହିଁ କେଉଁ କାଳରୁ ଏଠାରେ ରହିଛି ବିବି ଫାତିମା ବା ବିବି ଆଲମ୍‌ଙ୍କ ପୀଠ ସ୍ଥଳ। ସାରା ଭାରତରେ ନିଜ ଅଲୌକିକ କାହାଣୀ ପାଇଁ ପ୍ରସିଦ୍ଧି ଲାଭ କରିଥିବା ବିବି ଆଲମଙ୍କ ପୀଠ ସ୍ଥଳକୁ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ଧର୍ମର ଲୋକମାନେ ଏଠାକୁ ମାନସିକ ପାଇଁ ଆସିଥାନ୍ତି। ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି ଯେ, ଯେଉଁ ବିବାହିତ ମହିଳାଙ୍କ ସନ୍ତାନ ପ୍ରାପ୍ତି ହୋଇ ନ ଥାଏ। ସେମାନେ ଏଠାକୁ ଆସି ମାନସିକ କଲେ ଖୁବଶୀଘ୍ର ସେମାନେ ସନ୍ତାନ ଲାଭ କରିଥାନ୍ତି। ଏହି ବିଶ୍ୱାସରୁ ପ୍ରତ୍ୟେକ ଦିନ ଏହି ପୀଠକୁ ଲୋକମାନେ ଆସି ମା'ଙ୍କ



ନିକଟରେ ସିରିଣୀ ଭୋଗ ଲାଗି କରିବା ସହ କୃପା ଭିକ୍ଷା ଲାଭ କରିଥାନ୍ତି।



## ଜାପାନୀ ସିଂହଙ୍କ ପ୍ରସିଦ୍ଧ ଜରିମେଢ଼

କଟକ ସହର ରୂପା ତାରକସୀ ଚାନ୍ଦିମେଢ଼ ଓ ସୁନାମେଢ଼ ପାଇଁ ଯେତିକି ପ୍ରସିଦ୍ଧ ଜରିମେଢ଼ ପାଇଁ ମଧ୍ୟ ସେତିକି ପ୍ରସିଦ୍ଧ। ରୂପାମେଢ଼ ଓ ସୁନାମେଢ଼ ଆରମ୍ଭ ହେବା ପୂର୍ବରୁ ଜରିମେଢ଼ ହିଁ କଟକ ଦୁର୍ଗାପୂଜାରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତିଙ୍କ ନିକଟରେ ଶୋଭା ପାଉଥିଲା। ଏହି ଜରିମେଢ଼କୁ ସାରା ଭାରତ ବର୍ଷରେ ପରିଚିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଫିରିଙ୍ଗି ବଜାରର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ସିଂହ (ଜାପାନୀ ସିଂହ)। ୧୯୫୫ ମସିହାରୁ ବାପା ଜୟୀରାମ ସିଂହ ଓ କାକା ଲୋକନାଥ ସିଂହଙ୍କ ଠାରୁ ଅନୁପ୍ରାଣୀତ ହୋଇ ଏହି ଜରିମେଢ଼ କାମ ଆରମ୍ଭ କରିଥିଲେ ଜାପାନୀ। ପରେ ଗୁରୁ ନବ କୁମାର ଦାସଙ୍କ ପ୍ରେରଣାରେ ସିଏ ଆଗକୁ ମାଡି ଚାଲିଥିଲେ। ଦୀର୍ଘ ୭୦ ବର୍ଷ ମଧ୍ୟରେ ରାଜ୍ୟର ପ୍ରାୟ ସବୁ ପୂଜା ମଣ୍ଡପରେ ତାଙ୍କ ହାତ ତିଆରି ଜରିମେଢ଼ ଶୋଭାପାଇଛି। ଯାହା ତାଙ୍କ ପାଇଁ ଗର୍ବର ବିଷୟ ବୋଲି କୁହନ୍ତି ଜାପାନୀ।



"ଆମ ସାହିରେ ବିଭିନ୍ନ ଧର୍ମର ଲୋକ ବସବାସ କରୁଥିଲେ ମଧ୍ୟ ସମସ୍ତେ ନିଜ ଭିତରେ ମିଳିମିଶି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଚଳିଥାନ୍ତି। ଆମ ପୂଜା କମିଟିରେ ମଧ୍ୟ ବିଭିନ୍ନ ଧର୍ମର ଲୋକମାନେ କାର୍ଯ୍ୟକର୍ତ୍ତା ଭାବେ ସାମିଲ ଅଛନ୍ତି। ଆମ ସାହିର ଯୁବକମାନେ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବା ସହ ମୁରବୀମାନଙ୍କ ସହ ମିଶି ପୁଲିସ ପ୍ରଶାସନକୁ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି।

**ପୂର୍ଣ୍ଣଚନ୍ଦ୍ର ସିଂହ(ଜାପାନୀ)**, ଆଜୀବନ ସଭାପତି, ଫିରିଙ୍ଗିବଜାର ପୂଜା କମିଟି



ଫିରିଙ୍ଗିବଜାର ଅଞ୍ଚଳ କଟକର ସବୁ ସାହି ମଧ୍ୟରୁ ସ୍ୱତନ୍ତ୍ର। ଆମ ସାହିରେ କେବଳ ଗୋଟିଏ କମିଟି ରହିଛି ସେହି ଗୋଟିଏ କମିଟି ଦ୍ୱାରା ହିଁ ସାହିର ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଆମ ଅଞ୍ଚଳର ଯୁବକ ଓ ମୁରବୀମାନଙ୍କ ସହଯୋଗରେ ସାହିର ସମସ୍ତ ପୂଜା ପାର୍ବଣ ସୁରୁଖୁରୁରେ ଶେଷ ହୋଇଥାଏ।

**ନରେଶ କୁମାର ସାହୁ (ନରସିଂହା)**, ସମ୍ପାଦକ ଫିରିଙ୍ଗିବଜାର ପୂଜା କମିଟି



ଦଶହରାରେ ଆମେ ସବୁବେଳେ ଠାକୁରାଣୀଙ୍କ ପୂଜାକୁ ଗୁରୁତ୍ୱ ଦେଇଥାଉ। ଆମ ସାହି ଆୟତନ ଦୃଷ୍ଟିରୁ ଏକ ଛୋଟ ସାହି ହୋଇଥିଲେ ମଧ୍ୟ ଆମେ ସାହିବାସିନ୍ଦାଙ୍କ ସହଯୋଗରେ ଦୁର୍ଗାଙ୍କ ପାଇଁ ଏକ ଆକର୍ଷଣୀୟ ଚାନ୍ଦି ମେଢ଼ ନିର୍ମାଣ କରିବାରେ ସକ୍ଷମ ହୋଇଛୁ। ସାହିରେ କୌଣସି ବିବାଦ ଦେଖାଦେଲେ ଆମ ଅଞ୍ଚଳର ଯୁବକ ଓ ମୁରବୀ ଲୋକଙ୍କ ସହଯୋଗରେ ସମସ୍ତ ବିବାଦର ସମାଧାନ ହୋଇଥାଏ।

**ବଂଶୀଧର ସିଂହ**, ସହ କୋଷାଧ୍ୟକ୍ଷ ଫିରିଙ୍ଗିବଜାର ପୂଜା କମିଟି



ମୋତେ ଆସି ୪୭ ବର୍ଷ ହେଲାଣି। ସାହିକୁ ମୁଁ ଛୁଆବେଳୁ ଦେଖିଆସୁଛି। ଆମ ସାହି କଟକର ସବୁଠାରୁ ଶୃଙ୍ଖଳିତ ସାହି କହିଲେ ଭୁଲ ହେବ ନାହିଁ। ମୋ ଆଖି ଆଗରେ ସାହିର ଅନେକ ପରିବର୍ତ୍ତନ ହୋଇଗଲାଣି। ଆମ ସାହିରେ ୧୨ ମାସରେ ୧୩ ପର୍ବ ପାଳିତ ହୋଇଥାଏ। ଦଶହରା, କାଳୀପୂଜା ଓ ବାସନ୍ତୀ ଦୁର୍ଗାପୂଜା ବଡ଼ ଧୂମଧାମରେ ପାଳିତ ହୋଇଥାଏ।

**ଗୌରୀ ଦାସ**, ଆଇନଜୀବୀ ତଥା ପୂର୍ବତନ କର୍ପୋରେଟର

## ବଢ଼ିବ ଗ୍ରୀଷ୍ମ ପ୍ରବାହ

# ସ୍ୱାସ୍ଥ୍ୟ ବିଭାଗକୁ ଅଂଶୁଘାତ ଚିନ୍ତା

କଟକ, ୨୨।୩(ସମିସ)



ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବ। ଆଉ କିଛି ଦିନ ପରେ ତାପମାତ୍ରା ୮ରୁ ୧୦ଡିଗ୍ରୀ ସେଲସିୟସ ବଢ଼ିବ ବୋଲି ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଅଂଶୁଘାତକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅଂଶୁଘାତର ଶିକାର ବ୍ୟକ୍ତିବିଶେଷଙ୍କୁ କିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ସେ ନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ ହେଉଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଜନୈକ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଜିଲ୍ଲା ଓ ବ୍ଲକସ୍ତରରେ ନୋଡାଲ ଅଫିସରଙ୍କୁ ନେଇ ବୈଠକ ଡକାଯିବ। ଅଂଶୁଘାତ ଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେବ। ସମସ୍ତ ସରକାରୀ ହସ୍ପିଟାଲରେ ଓଆରଏସ୍, ଆଇଭି ଫ୍ଲୁଇଡସ, ଆବଶ୍ୟକୀୟ ସମସ୍ତ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖାଯିବ। ଏପରିକି ଆବଶ୍ୟକସ୍ଥଳେ ଉପରୋକ୍ତ ସମସ୍ତ ପ୍ରକାର ସାମଗ୍ରୀ ଆଶା, ଅଙ୍ଗନବାଡି ଏବଂ ଏଏନଏମ କର୍ମୀଙ୍କୁ ଯୋଗାଇ ଦିଆଯିବ। ପ୍ରତ୍ୟେକ ସରକାରୀ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ ଶଯ୍ୟା ସଂରକ୍ଷିତ ରହିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଯେଉଁ ପ୍ରକୋଷ୍ଠରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପଲବ୍ଧ ଥିବ ତାହାକୁ ହିଟ୍ ଷ୍ଟ୍ରୋକ୍ ରୁମ ଭାବେ ବ୍ୟବହାର କରାଯିବ। ସରକାରୀ ହସ୍ପିଟାଲ ଗୁଡିକରେ ଥଣ୍ଡା ପାନୀୟ ଜଳ ଏବଂ ବରଫ ମହଜୁଦ ରଖାଯିବା ବାଧ୍ୟତାମୂଳକ। ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିମନ୍ତେ ହସ୍ପିଟାଲ ଗୁଡିକରେ ଡିଜି ସେଟ୍ ରଖାଯିବ। ଏହାଛଡ଼ା ହସ୍ପିଟାଲ ଗୁଡିକର ଆଉଟଡୋର, ଇନଡୋରରେ ସ୍ୱତନ୍ତ୍ର ଭାବେ ଏକ ଓଆରଏସ୍ କେନ୍ଦ୍ର ଖୋଲାଯିବ।

ଅନ୍ୟପକ୍ଷରେ ସରକାରୀ ହସ୍ପିଟାଲ ଗୁଡିକରେ କଣ୍ଟ୍ରୋଲ ରୁମ ସ୍ଥାପନ ହେବ। ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହେବ। ପ୍ରତ୍ୟେକ ଦିନର ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପଠାଯିବ। ଯଦି କୌଣସି ଦିନ କେହି ଅଂଶୁଘାତର ଶିକାର ହୁଅନ୍ତି ତାହାର ରିପୋର୍ଟ ପଠାଇବାକୁ ମଧ୍ୟ ଏସ୍ଆରସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ନିରାକରଣ ବ୍ୟବସ୍ଥା ନୁହେଁ ପ୍ରାକ୍ ସାବଧାନତା ଗ୍ରହଣ ଦିଗରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଅଞ୍ଚଳରେ ଥିବା ନଳକୂପର ମରାମତି, ଜଳଛତ୍ର ସ୍ଥାପନ, ମୋବାଇଲ ୱାଟର ଟ୍ୟାଙ୍କର ବୁଲିବା ଭଳି ପଦକ୍ଷେପ ଗ୍ରହଣ କରାଯିବ। ଏହାଛଡ଼ା ବସ୍ ଯାତ୍ରୀମାନଙ୍କ ପ୍ରତି ଦୃଷ୍ଟି ଦିଆଯିବ। ପ୍ରତ୍ୟେକ ବସ୍‌ରେ ଆବଶ୍ୟକତା ଠାରୁ ଅଧିକ ଯାତ୍ରୀ ଯାତ୍ରା କରିବେ ନାହିଁ। ବସ୍‌ରେ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳ ମହଜୁଦ ରଖାଯିବ। ବସ୍ ମାଲିକମାନେ ଏ ଦିଗରେ ଦୃଷ୍ଟି ଦେବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ରହିଛି।

### ● ଏସ୍‌ସିବିରେ ବୈଠକ ଖୁବ୍‌ଶୀଘ୍ର

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଅଂଶୁଘାତ ଚିକିତ୍ସା ନିମନ୍ତେ ପ୍ରସ୍ତୁତି ଜାରି ରହିଛି। ବରିଷ୍ଠ ଡାକ୍ତର ଓ ଅଧିକାରୀମାନଙ୍କୁ ନେଇ ଖୁବଶୀଘ୍ର ବୈଠକ ଡକାଯିବ ବୋଲି ଜଣାପଡ଼ିଛି। ଜନୈକ ଅଧିକାରୀଙ୍କ କହିବା ମୁତାବକ, ରାଜ୍ୟର ବିଭିନ୍ନ ପ୍ରାନ୍ତର ଗୁରୁତର ରୋଗୀ ବଡ ମେଡିକାଲ ଆସନ୍ତି। ବିଶେଷକରି କଟକ ସହର, ଜିଲ୍ଲା ଓ ଉପକଣ୍ଠ ଅଞ୍ଚଳର ଅଂଶୁଘାତ ଆକ୍ରାନ୍ତ ଏଠାକୁ ଆସିଥାନ୍ତି। ଅଂଶୁଘାତର ଶିକାର ବ୍ୟକ୍ତିବିଶେଷଙ୍କ ନିମନ୍ତେ ଏସ୍‌ସିବି ଚକ୍ଷୁ ବିଭାଗର ୪ର୍ଥ ମହଲାରେ ଶଯ୍ୟା ପ୍ରସ୍ତୁତ ହୋଇ ରହିଛି। ବୈଠକ ପରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ ଜଣାଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




ଆଠଗଡ଼, ୨୨।୩(ସମିସ): ଆଠଗଡ଼ ବ୍ଲକ କନ୍ଦରପୁର ଗ୍ରାମର ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ସଭାପତି ଜଗନ୍ନାଥ ରାଉତ ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ଓସ୍ତିଆ ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା ଆଇନଜୀବୀ ଅମରେନ୍ଦ୍ର ଖଟୁଆ, ଆଠଗଡ଼ ସାମ୍ବାଦିକ ସଂଘର ସମ୍ପାଦକ ବିଭୂତି ଭୂଷଣ ଖଟୁଆ, ସଞ୍ଜୀବ ପତ୍ରୀ, ପ୍ରିୟବ୍ରତ ଦାସ, ନେପାଳ ଜେନା, ଅରୁଣ ସେଠୀ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିଶୁ ମନ୍ଦିର ସମ୍ପାଦକ ସୁଶାନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସ୍ମରଣୀକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତ ପ୍ରଧାନ, ନାରାୟଣ ଦାଶ, ପ୍ରଶାନ୍ତ ପରିଡ଼ା, ଲମ୍ବୋଦର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଷ୍ଟିୱାର୍ଟ ସ୍କୁଲରେ ବିଶ୍ୱ ଜଳ ଦିବସ



କଟକ, ୨୨।୩(ସମିସ): ଷ୍ଟିୱାର୍ଟ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ବିଶ୍ୱ ଜଳ ଦିବସ ପାଳନ ହୋଇଯାଇଛି। ମାର୍ଚ୍ଚ ମାସ ୨୨ ତାରିଖକୁ ସାରା ବିଶ୍ୱରେ ଜଳ ଦିବସ ରୂପେ ପାଳନ କରାଯାଏ। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ଜଳ ସଂରକ୍ଷଣ ଏବଂ ତା'ର ଉପଯୋଗିତା ଉପରେ ସ୍ଲୋଗାନ ଓ ଚିତ୍ର ପଦର୍ଶନ କରି ଜଳ ହିଁ ଜୀବନ ତା'ର ଗୁରୁତ୍ୱକୁ ସମସ୍ତଙ୍କ ନିକଟରେ ଅବଗତ କରାଇ ଥିଲେ। ଏହି ସମସ୍ତ କାର୍ଯ୍ୟକୁ ସ୍କୁଲର ଅଧକ୍ଷା ଡି ମାଟିନା, ସହ ପରିଚାଳିକା ଶିଲ୍ପା ସାହୁ, ରେଶ୍ମା ପ୍ରଧାନ, ବିଶ୍ୱଜିତ ଦାସ ଏବଂ ଅନ୍ୟାନ୍ୟ ସହଯୋଗୀ କର୍ମକର୍ତ୍ତାଙ୍କୁ ନେଇ ଅତି ସୁନ୍ଦର ଭାବରେ ଶେଷ ହୋଇଥିଲା।

## ମାରୱାଡ଼ି ସମାଜ ପକ୍ଷରୁ ନିଶାନ ଯାତ୍ରା



କଟକ, ୨୨।୩(ସମିସ): ସିଡିଏ ସେକ୍ଟର-୬ ସ୍ଥିତ ସିଡ଼ିଏ ମାରୱାଡ଼ି ସମାଜ ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ନିଶାନ ଯାତ୍ରା ଅୟୋଜିତ ହୋଇଛି। ସିଡିଏ ସେକ୍ଟର-୬ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ପୂଜା ଅର୍ଚ୍ଚନା କରି ୫୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଭକ୍ତ ନିଶାନ ଯାତ୍ରା ଆରମ୍ଭ କରି ସତିଚଉରା ଦେଇ ବାଙ୍କାବଜାରସ୍ଥିତ ରାଧାଗୋବିନ୍ଦ ମନ୍ଦିରରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଆଇନଜୀବୀ ଗଦାଧର ସାହୁ ଓ ନରସିଂହ ସାହୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମଣ ବାଗେଡ଼ିଆ, ଶରତ ସାଙ୍ଗନେରିଆ, ଦୀପକ କୁମାର କାଜେରିଆ, ଭଗବତ ପ୍ରସାଦ ସନ୍ଥୁକା, ସଞ୍ଜୁ ସନ୍ଥୁକା, ପବନ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଉପଭୋକ୍ତା ସଚେତନତା

କଟକ, ୨୨।୩(ସମିସ): ଭାରତୀୟ ଟେଲି ଯୋଗଯୋଗ ନିୟାମକ ଆୟୋଗ (ଟ୍ରାଇ) ଓ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟେଲି ଯୋଗାଯୋଗ କ୍ଷେତ୍ରରେ ବୃଦ୍ଧି ପାଉଥିବା ବିଭିନ୍ନ ଅପରାଧିକ ମାମଲାରେ କିଭଳି ଉପଭୋକ୍ତା ସୁରକ୍ଷିତ ରହିବେ ସେ ସଂକ୍ରାନ୍ତରେ ବିଶେଷଜ୍ଞ ବକ୍ତା ମତ ବିନିମୟ କରିଥିଲେ। ମୁଖ୍ୟଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ଟେଲିଯୋଗାଯୋଗର ସଠିକ୍ ଉପଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲ୍ ଅଫ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର 'ଡିନ୍' ଡ. ନୟନ ରଞ୍ଜନ ସାମଲ ଓ ମ୍ୟାନେଜମେଣ୍ଟ ବିଭାଗର 'ଡିନ୍' ଡ. ଶ୍ରୀତା ଭୋଳ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କାର୍ଯ୍ୟକ୍ରମ ଆୟୋଜନ ଲାଗି 'ଟ୍ରାଇ'କୁ ଧନ୍ୟବାଦ ଜଣାଇବା ସହିତ ଏହା ଦ୍ୱାରା ଜନସାଧାରଣ ବିଶେଷ ଉପକୃତ ହେବେ ବୋଲି କହିଥିଲେ। ଭାରତୀୟ ଟେଲିକମ୍ ସେବାର ବରିଷ୍ଠ ଅଧିକାରୀ ପାଣ୍ଡେ ବିଜୟ ଭୂଷଣ ପ୍ରସାଦ, ବିଶେଷଜ୍ଞ ବକ୍ତା ପ୍ରଣବ ରଂଜନ ସାହୁ ଯୋଗଦେଇ ଆଲୋଚନା କରିଥିଲେ। 'ଟ୍ରାଇ'ର ଯୁଗ୍ମ ଉପଦେଷ୍ଟା ଭି.ଏସ୍ ରାଜୁ ସ୍ୱାଗତ ଅଭିଭାଷଣ ଏବଂ ବରିଷ୍ଠ ଗବେଷଣା ଅଧିକାରୀ ଏମ୍ ଭେଙ୍କଟପତି କାର୍ଯ୍ୟକ୍ରମ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ନିର୍ଦ୍ଦେଶକ ଲୋକନାଥ ବେହେରା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଡ. ଆଲୋକରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ପ୍ରାଧ୍ୟାପକ ସୁରଜିତ୍ ମହାନ୍ତି, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ରଙ୍କ ସମେତ ଟେଲି ଯୋଗଯୋଗ ସେବା ପ୍ରଦାନକାରୀ ଅଧିକୃତ ବିକ୍ରେତା ଓ ପ୍ରତିନିଧି, ଛାତ୍ରଛାତ୍ରୀ, ଅଧାପକ, ଅଧ୍ୟାପିକା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ଅପପ୍ରଚାରକୁ ନେଇ ସାଇବର୍ ଥାନାରେ ଏତଲା

କଟକ, ୨୨।୩(ସମିସ): ସୋସିଆଲ ମିଡିଆରେ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି ଅପପ୍ରଚାର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏନେଇ କଲେଜ ଛକ ଅଞ୍ଚଳର ନାରୀନେତ୍ରୀ ରୂପାଲୀ ଲେଙ୍କା ସାଇବର ଥାନାରେ ଏତଲା ଦେଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଫେସବୁକରେ 'ସ୍ନେହା ମହାନ୍ତି କଲେଜ ଛକ ଖବର ଏବଂ ଲଭଲି ପିହୁ' ନାମରେ ଫେକ୍ ଆଇଡି ଦ୍ୱାରା ତାଙ୍କୁ ଏବଂ ତାଙ୍କ ସ୍ୱାମୀ ଲୋକନାଥଙ୍କ ବିରୋଧରେ ମିଥ୍ୟା ଅପପ୍ରଚାର କରାଯାଉଛି। ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଘଂନ କରି କିଛି କୁଚକ୍ରୀ ଗୋଷ୍ଠୀ ଏଭଳି ସୋସିଆଲ ମିଡିଆରେ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରୁଛନ୍ତି। ଏହାଦ୍ୱାରା ତାଙ୍କର ଆତ୍ମସମ୍ମାନ କ୍ଷୁର୍ଣ୍ଣ ହେଉଛି। ଶ୍ରୀମତି ଲେଙ୍କାଙ୍କ ଅଭିଯୋଗକୁ ଗ୍ରହଣ କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ରିତା ଗୁପ୍ତା ନାମକ ଜଣେ ମହିଳା ମଧ୍ୟ ସମାନ ଘଟଣାକୁ ନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଦୋଳ ମେଳଣରେ କମ୍ପୁଛି ଗାଁଠୁ ସହର

କଟକ, ୨୨।୩(ସମିସ)



ଗୁରୁବାର ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକାରୀ ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଶଙ୍କରପୁର ଗ୍ରାମରେ ଦ୍ୱାଦଶୀ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଙ୍କରପୁର ଗ୍ରାମ ଅଧିକାରୀ ସୁରେଶ ଚନ୍ଦ୍ର ବାରିକ, ମହନ୍ତ ଅଭିମନ୍ୟୁ ଖୁଣ୍ଟିଆ ଓ ମାଉସୀ ମା' ପ୍ରତିନିଧି ରଣଜିତ ରାଉତଙ୍କ ନେତୃତ୍ୱରେ ୩୪ଟି ମେଳଣ ଆରମ୍ଭ କରାଯାଇଥିଲା। ଶଙ୍କରପୁର ଯୁବକ ସଂଘ ସଭାପତି ସର୍ବେଶ୍ୱର ବାରିକ, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ବିଶ୍ୱାଳ, ଉପସଭାପତି ସଂଜୟ ପରିଡ଼ା, ଯୁବକ ସଂଘ ସମ୍ପାଦକ ରଶ୍ମି ରଞ୍ଜନ ପ୍ରଧାନ, ସହ ସମ୍ପାଦକ ପ୍ରଦୀପ ପାତ୍ରଙ୍କ ସହ ସମସ୍ତ ଯୁବକ ପ୍ରତିନିଧିମାନେ ଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିଥିଲେ। ମୁରବୀ ପ୍ରହଲ୍ଲାଦ ଚନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ପରିଡ଼ା, ଗୋବିନ୍ଦ ବାରିକ, ରମାନାଥ ସ୍ୱାଇଁ, ପରୀକ୍ଷୀତ ବେହେରା ଏବଂ ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ପ୍ରତ୍ୟେକ ବିମାନରେ ଭୋଗ ହାଣ୍ଡି ଓ ପୁଷ୍ପମାଲ୍ୟ ଦେଇ ଶ୍ରୀ ଶ୍ରୀ ଜିୟୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୋଳର କୋଷାଧ୍ୟକ୍ଷ ରମେଶ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଯୁବକ ସଚ୍ଚିଦାନନ୍ଦ ରାଉତ, ଅଭୟ ରାଉତ, ସନ୍ତୋଷ ବାରିକ, ଉମେଶ ବାରିକ, ଲକ୍ଷ୍ମଣ ସ୍ୱାଇଁ ଏବଂ ଦେବାଶିଷ ଜେଠୀ ପ୍ରମୁଖ ପ୍ରତ୍ୟେକ ଜୀୟୁଙ୍କର ପନ୍ତି ଭୋଗ ବ୍ୟବସ୍ଥା କରିଥିଲେ। ଉପର ସାହିସ୍ଥ ମା' ମଙ୍ଗଳା ମନ୍ଦିର ସମ୍ମୁଖରେ ଶ୍ରୀ ଶ୍ରୀ ଜିୟୁମାନେ ଅବସ୍ଥାନ କରିବା ପରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରଭାକର ନାୟକ, ବିଜୟ ବେହେରା, ସଂକୀର୍ତ୍ତନ ଗୁରୁ ରବୀନ୍ଦ୍ର ରାଉତ, ଗଣେଶ ବେହେରା, ନିରଞ୍ଜନ ବାରିକ, ମାନସ ବାରିକ, ଚିତ୍ତ ରଞ୍ଜନ ନାୟକ, ରବୀନ୍ଦ୍ର ରାଉତ (ଖ) ଏବଂ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ସଭ୍ୟଗଣ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ● ଶଙ୍କରପୁର ଦ୍ୱାଦଶୀ ଦୋଳ ମେଳଣ

## ପାଟଲିଙ୍ଗା ଗ୍ରାମରେ ଦୋଳଯାତ୍ରା ମେଳଣ



ଆଠଗଡ଼: ଆଠଗଡ଼ ବ୍ଲକ ଅନ୍ତର୍ଗତ କୁଲାଇଲୋ ପଞ୍ଚାୟତ ପାଟଲିଙ୍ଗା ଗ୍ରାମରେ ଫାଲଗୁନ ଶୁକ୍ଳ ତ୍ରୟୋଦଶୀ ଦିନ ଦୋଳଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମର ସମସ୍ତ ଘର ଆଗରେ ଗୋମୟରେ ଲିପାପୋଛା କରିବା ସହିତ ମୁରୁଜରେ ବିଭିନ୍ନ ରଙ୍ଗ ବେରଙ୍ଗର ଚିତ୍ର କରାଯାଇଛି। ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିମାନରେ ଚିତ୍ତାକର୍ଷକ ସାଜସଜ୍ଜା କରି ଆଖପାଖରୁ ଗ୍ରାମରୁ ଆସିଥିବା ତଳଗଡ଼, ଗୋପିନାଥପୁର, ଯୋରନ୍ଦା, କନ୍ତୋଲ, ରାଜନଗର, ବେଣ୍ଟପଦା, ପର୍ଶୁରାମପୁର, ତରଡିଙ୍ଗ, ପାଟଲିଙ୍ଗା ଆଦି ସମସ୍ତ ବିମାନ ଆସି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିବା ପରେ ଗାଁ ସମସ୍ତ ଘରକୁ ଘର ଯାଇ ଭୋଗ ଲାଗି ହୋଇଥାଏ। ଗ୍ରାମର ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଖୋଳ ଝାଞ୍ଜ ତାଳେତାଳେ ଭଗବାନଙ୍କ ନାମ ସଂକୀର୍ତ୍ତନ କରି ଗ୍ରାମ ପରିଭ୍ରମଣ କରିଥିଲେ।

## ଶ୍ରୀବଳଦେବଜୀଉଙ୍କର ଦୋଳ ପର୍ବ



ନିଶ୍ଚିନ୍ତକୋଇଲି : ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଦୋଳ ପର୍ବ ପାଳନ ଆରମ୍ଭ ହୋଇଛି। ପବିତ୍ର ଦୋଳ ଏକାଦଶୀ ତିଥି ଅବସରରେ ଶ୍ରୀ ଜୀଉଙ୍କର ଚଳନ୍ତି ପ୍ରତିମାଙ୍କୁ ବିମାନରେ ଅଧିଷ୍ଠିତ କରାଇ ଗ୍ରାମ ପରିକ୍ରମା କରାଯାଇଛି। ଶୁକ୍ରବାର ଦିନ ଲାଲବାଗ, ଛୁଆଳିଆ ଓ ଜିଗ୍ନୀପୁର ଗ୍ରାମରେ ଭକ୍ତମାନଙ୍କ ଘରକୁ ଯାଇ ଦୋଳ ଭୋଗ ଖାଇଛନ୍ତି। ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଜୀଉଙ୍କର ଦୋଳପର୍ବ ଆରମ୍ଭ ହୋଇଥିଲା ବେଳେ ଗୁମାସ୍ତା ଅଚ୍ୟୁତାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗତଜୀବନ ପଣ୍ଡା, ପ୍ରୀତିରଞ୍ଜନ ପଣ୍ଡା, ପ୍ରଣୟକିଶୋର ପଣ୍ଡା, ଧ୍ରୁବଚରଣ ପଣ୍ଡା ଓ ଅନନ୍ତ ପଣ୍ଡା ବିମାନ ସହିତ ଯାଇ ପୂଜାର୍ଚ୍ଚନା କରିଥିଲେ। ଭୋଗ ଖାଇଲା ପରେ କୁଳିଆ ମେଳଣକୁ ଶ୍ରୀ ଜୀଉଙ୍କ ବିମାନ ଶୋଭାଯାତ୍ରାରେ ଯାଇଥିଲା। ଶନିବାର ଦିନ ଶ୍ରୀ ଜୀଉଙ୍କର ପ୍ରସିଦ୍ଧ ଜିଗ୍ନୀପୁର ମେଳଣ, ରବିବାର ଦିନ ମନହରପୁର ଅନୁଷ୍ଠିତ ହେବ। ସୋମବାର ଦିନ ସକାଳେ ଶ୍ରୀ ଜୀଉଙ୍କ ମେଞ୍ଢା କୁଡ଼ିଆରେ ଅଗ୍ନି ସଂଯୋଗ କରାଯିବା ସହିତ ମନ୍ଦିର ପରିସରରେ ଝୁଲଣ ମଣ୍ଡପରେ ଅଧିଷ୍ଠିତ ହେବେ। ଅପରାହ୍ନରେ ନୂତନ ପଞ୍ଜିକା ପାଠ କରାଯାଇ ଯମୁନା ସ୍ନାନ, ମହାସ୍ନାନ ହେବା ପରେ ଶ୍ରୀ ମନ୍ଦିରକୁ ବିଜେ କରିବେ।

## ରାଧାମୋହନ ଦେବଙ୍କ ଦୋଳ ଉତ୍ସବ

ଚୌଦ୍ୱାର : ଓଟିଏମ୍ କଲୋନୀସ୍ଥିତ ରାଧାମୋହନ ଜୀୟୁଙ୍କ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ରାଧାମୋହନଜୀୟୁ ଠାକୁର ଓଟିଏମ୍ କଲୋନୀରେ ଘରକୁ ଘର ବୁଲି ଭୋଗ ଖାଇବା ପରେ ଜୀୟୁଙ୍କ ବିମାନକୁ ଶୋଭାଯାତ୍ରାରେ ନିଆଯାଇ ଓଟିଏମ୍ କଲୋନୀ ପରିକ୍ରମା କରାଯାଇଥିଲା। ପରେ ପରେ ଅଞ୍ଚଳର ଆଉ ୪ଟି ଦୋଳ ବିମାନ ଦୋଳ ପଡ଼ିଆରେ ପହଞ୍ଚି ମେଳଣ କରିଥିଲେ। ଏହି ଅବସରରେ ୨ ଦିନ ଧରି ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନସିଲର ବିନୋଦିନୀ ରାଉତରାୟ, ଆଶୁତୋଷ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ହିମାଂଶୁ ଦାସ ଓ ରଜନୀକାନ୍ତ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାରଙ୍କୁ ନେଇ 'ମାଇଚିଆ ଗୋଖେଇ ସାହୁ' ଓ 'ଦେଇଗଲା ଦାଗ ଅଦିନ ମେଘ' ନାମକ ଦୁଇଟି ନାଟକ ମଞ୍ଚସ୍ଥ କରାଯାଇଥିଲା। ଅଶୋକ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କମିଟି ଉପଦେଷ୍ଟା ଲୋକନାଥ ସାହୁ, ଟୁକୁ ପ୍ରଧାନ, ଭାସ୍କର ଚନ୍ଦ୍ର ରାଉତରାୟ, ପ୍ରମୋଦ ଜେନା, ରାଜ କିଶୋର ସାମନ୍ତ, ଅଶ୍ୱିନୀ କୁମାର ଜେନା, ଭୀମସେନ ବିଶ୍ୱାଳ, ଶିବବ୍ରତ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଦାମୋଦର ରାଉତଙ୍କ ବିୟୋଗରେ ଶୋକ

**କଟକ,୨୨।୩(ସମିସ):** ଓଡ଼ିଶା ରାଜନୀତିର ମହାଦ୍ରୁମ, ୭ ଥରର ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅତ୍ୟନ୍ତ ଅନୁଗାମୀ ଚର୍ଚ୍ଚିତ ଚେହେରା ଡ. ଦାମୋଦର ରାଉତଙ୍କ ବିୟୋଗରେ କନ୍ଦରପୁର ଠାରେ ଶୋକାର ଛାୟା ଖେଳିଯାଇଛି। ସ୍ୱର୍ଗତ ରାଉତ ତାଙ୍କ ରାଜନୈତିକ ଜୀବନରେ କଟକ ସଦର ଅଞ୍ଚଳର କନ୍ଦରପୁର ଅଞ୍ଚଳକୁ ବହୁତ ଭଲପାଉଥିଲେ। ନିଜ ଅଞ୍ଚଳକୁ ଯିବାଆସିବା କରୁଥିବା ବେଳେ କନ୍ଦରପୁର ଠାରେ ଏହି ଅଞ୍ଚଳର ଲୋକମାନଙ୍କ ସମସ୍ୟା ବୁଝିବା ସହିତ ସୁଖଦୁଃଖରେ ସାମିଲ ହେଉଥିଲେ। ତାଙ୍କ ମୃତ୍ୟୁଖବର ଜଣାପଡିବା ପରେ ଏଠାକାର ଲୋକମାନଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଥିଲା। ତାଙ୍କ ବିୟୋଗରେ ତାଙ୍କର ଏକାନ୍ତ ରଞ୍ଜିତ ରାଉତରାୟ ଗଭୀର ଦୁଃଖ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ବରିଷ୍ଠ ବିଜେଡି କର୍ମୀ ହୃଦାନନ୍ଦ ଆଚାର୍ଯ୍ୟ, କାଳିନ୍ଦୀ ଚରଣ ସ୍ୱାଇଁ, ସାରଦା ପ୍ରସନ୍ନ ସ୍ୱାଇଁ, ପ୍ରମୋଦ ରାଉତ, ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ବାର୍‌ହା ଆକ୍ରମଣରେ ଜଣେ ମୃତ

**ବାଙ୍କୀ,୨୨।୩(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ବିଲିପଡା ଗ୍ରାମର ଧଡେଶ୍ୱର ରାଉତ(୪୯) ବିଲକୁ ଟମାଟୋ ତୋଳିବାକୁ ଯାଇଥିବା ବେଳେ ବାରାହ ଆକ୍ରମଣରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ଅପରାହ୍ଣ ୪ ଘଟିକା ସମୟରେ ଧଡେଶ୍ୱର ବିଲକୁ ଟମାଟୋ ତୋଳିବାକୁ ଯାଇଥିଲା। ଏହି ସମୟରେ ଏକ ବାରାହ ତାଙ୍କୁ ଅତର୍କିତ ଆକ୍ରମଣ କରିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଗ୍ରାମବାସୀ ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ଆସନ୍ତାକାଲି ତାଙ୍କର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଉପଖଣ୍ଡ ଚିକିତ୍ସାଳୟ ତରଫରୁ ସୂଚନା ଦିଆଯାଇଛି। ବାରାହ ଆତଙ୍କ ସମ୍ପର୍କରେ ବାରମ୍ବାର ବନବିଭାଗକୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ଅଧିକାରୀ ଏ ନେଇ କର୍ଣ୍ଣପାତ କରୁନାହାଁନ୍ତି। ତୁରନ୍ତ ବନବିଭାଗ କ୍ଷତିପୂରଣ ଦେବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।

## ପିସିସି ସାଧାରଣ ସମ୍ପାଦକ ହେଲେ ପ୍ରଦୀପ୍ତ ଦାସ

**ନିଶ୍ଚିନ୍ତକୋଇଲି,୨୨।୩(ସମିସ):** ମାହାଙ୍ଗା ବିଧାନସଭା କ୍ଷେତ୍ରର କଂଗ୍ରେସ ଯୁବ ନେତା ପ୍ରଦୀପ୍ତ କୁମାର ଦାସ (ବୁଲୁ)ଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ପ୍ରଦେଶ କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ଅନୁମୋଦନ କ୍ରମେ ସଭାପତି ଶରତ ପଟ୍ଟନାୟକଙ୍କ ତାଙ୍କୁ ଏହି ପଦରେ ନିଯୁକ୍ତି ଦେଇଛନ୍ତି। ନିଯୁକ୍ତି ପରେ ଶ୍ରୀ ଦାସ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଜୀ, ଏଆଇସିସିର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଜୀ, ରାହୁଲ ଗାନ୍ଧୀଜୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରେମୀ ବନ୍ଧୁ, ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାକ୍ତନ କଂଗ୍ରେସ କମିଟି ସଭାପତି ଦିଲ୍ଲୀପ କୁମାର ରାଉତ, ଯୁବ କଂଗ୍ରେସ ସଭାପତି ସେକ୍ ସଦାମ୍, ପୂର୍ବତନ ସରପଞ୍ଚ ବିଜୟ ବେଉରିଆ, ରମେଶ ସାହୁ, ମନମଥ ଖଟୁଆ, ଆକାଶ ପ୍ରଧାନ, ଗୋପାଳ ସେଠୀ, ଦୀପକ ନାୟକ, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ଅମୀୟ କୁମାର ବିଶ୍ୱାଳ, ସଞ୍ଜୟ ବେହେରା, ଗଣେଶ୍ୱର ନାୟକ, ବିତକୃଷ୍ଣ ସ୍ୱାଇଁ, ସୁଶିଲ ଲେଙ୍କା, ୟାକୁବ୍ ଖାଁ, ମହମ୍ମଦ ଗୁରହାନ୍ ଓ ମିର୍ଜା ଆଲ୍ଲାଉଦ୍ଦିନ୍ ପ୍ରମୁଖ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ପରମ୍ପରା ଓ ଐତିହ୍ୟର ମୁକସାକ୍ଷୀ 'ଅରିଲୋ ମେଳଣ'

### ହରିହର ଭେଟରେ ଆରମ୍ଭ ହରିହର ଭେଟରେ ଶେଷ

**ଫୁଲନଖରା,୨୨।୩(ସମିସ)**

କଟକ ସଦର ଥାନା ଅନ୍ତର୍ଗତ ଐତିହ୍ୟ ସମ୍ପନ୍ନ ଅରିଲୋ ଫଗୁ ବା ରାଜଦୋଳ ମେଳଣ ପ୍ରାୟ ୫ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମହାଆଡମ୍ବରରେ ପାଳିତ ହୋଇଆସୁଛି। ଏହି ମେଳଣର ଆୟମାରମ୍ଭ ବିଷୟରେ ଏକ ସୁନ୍ଦର ଘଟଣା ବର୍ଣ୍ଣିତ। ଜମିଦାର ଗଦାଧର ଚୌଧୁରୀଙ୍କ ଗୁରୁ ଭଜମନ ବାବା ଯିଏକି ବୃନ୍ଦାବନରୁ ଆସିଥିଲେ ତାଙ୍କରି ପ୍ରଚେଷ୍ଟାରେ ଅଦ୍ୟାବଧି ପାଳିତ ହୋଇଆସୁଛି ଏହି ଅରିଲୋ ମେଳଣ। ଲୋକକଥାନୁସାରେ ଗ୍ରାମରେ ହଠାତ୍ ଦେଖିବାକୁ ମିଳିଥିଲା ଗୋଟିଏ କଳା ବାଛୁରୀ ଓ ଗୋଟିଏ ଧଳା ବାଛୁରୀ। ବାବାଙ୍କ ଠାରୁ ଦୁଇକେରା ଦୁବଘାସ ଖାଇବା ପରେ ଦୁଇଟି ସର୍ପ ହୋଇ ଗର୍ତ୍ତ ମଧ୍ୟରେ ଅଦୃଶ୍ୟ ହୋଇଯାଇଥିଲେ। ଧର୍ମପରାୟଣ ଜମିଦାରଙ୍କୁ ସ୍ୱପ୍ନାଦେଶ ପରେ ଗୁରୁଦେବଙ୍କ ଆଦେଶରେ ଗର୍ତ୍ତ ଖନନ ପରେ ଶ୍ରୀ ଜନାର୍ଦ୍ଦନ ଓ ଶ୍ରୀ ଜଳେଶ୍ୱର ମହାଦେବଙ୍କୁ ପ୍ରାପ୍ତ ହୋଇଥିଲେ। ମନ୍ଦିର ନିର୍ମାଣ କରି ଉଭୟ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ଗୁରୁଦେବଙ୍କ ପରାମର୍ଶ କ୍ରମେ ଦୋଳଯାତ୍ରା ଆରମ୍ଭ କରାଯାଇଥିଲା। ପ୍ରଥମ ବର୍ଷ ୧୦୮ ଦୋଳକୁ ନିମନ୍ତ୍ରଣ କରାଯାଇଥିଲେ ସୁଦ୍ଧା ଗୋଟିଏ ଦୋଳ ନ ଆସିବାରୁ ନିଜେ ଗୁରୁଦେବ ଗୋଟିଏ ଦୋଳରେ ବସି ୧୦୮ ଦୋଳ ପୂରଣ କରିଥିଲେ ବୋଲି ଶୁଣିବାକୁ ମିଳେ।

ପ୍ରତ୍ୟେକ ବର୍ଷ ଆଖପାଖ ଅଞ୍ଚଳର ପ୍ରାୟ ୫୦ଖଣ୍ଡ ମୌଜାର ଅଧିବାସୀମାନେ ଅପେକ୍ଷା କରି ରହିଥାନ୍ତି ଫାଲଗୁନ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିକୁ। ଛୋଟରୁ ବଡ଼ ସମସ୍ତଙ୍କ ମନରେ ଆଗ୍ରହ ଉଦ୍ଦିପନା ଦୋଳ ବିମାନରେ ଠାକୁରଙ୍କୁ ଦର୍ଶନ କରିବା ସହିତ ବିଭିନ୍ନ ଘରକରଣା ଜିନିଷ ବର୍ଷକ ପାଇଁ କିଣାବିକା କରିବା। ରାତି ୧୨ଟାରେ ଆରମ୍ଭ ହୋଇ ଭୋର ୬ଟାରେ ଶେଷ ହେଉଥିବା ଏହି ମେଳଣରେ ଉଠା ଦୋକାନୀମାନେ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ କରିବାର ସୁଯୋଗ ମଧ୍ୟ ପାଇଥାନ୍ତି। ୧୦୮ ଦୋଳ ବିମାନକୁ ନେଇ ଆରମ୍ଭ ହୋଇଥିବା ଏହି ମେଳଣ କାଳକ୍ରମେ ହ୍ରାସ ପାଇ ମାତ୍ର ୫୦ଟି ଦୋଳବିମାନ ଏହି ମେଳଣରେ ଯୋଗଦେଉଛନ୍ତି। ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ଦୋଳ ବିମାନ ଗୁଡିକ ପାରମ୍ପରିକ ବାଦ୍ୟ ଓ ଆଲୋକମାଳାରେ ଆସି ଅପେକ୍ଷା କରିଥାନ୍ତି ମେଳଣ ପଡିଆକୁ ପ୍ରବେଶ କରିବା ପାଇଁ। ଅରିଲୋ ଗ୍ରାମର ଯୁଗଳକିଶୋର ଦେବ ପଟୁଆର ସହିତ ଯାତ୍ରା ଆରମ୍ଭ ପାଇଁ ନିମନ୍ତ୍ରଣ କରିବାକୁ ଆସିଥାନ୍ତି ଶ୍ରୀ ଜନାର୍ଦ୍ଦନ ଦେବଙ୍କ ନିକଟକୁ। ଜନାର୍ଦ୍ଦନ ଦେବ ନିମନ୍ତ୍ରଣ ପାଇବା ପରେ ପୂର୍ବରୁ ଲଳିତ ଗାଡିଆରେ ଅପେକ୍ଷାରତ ନାରାୟଣ ଦେବଙ୍କ ନିକଟକୁ ଯାତ୍ରା ଆରମ୍ଭ ପାଇଁ ଯାଇଥାଏ ଏକ ସ୍ୱତନ୍ତ୍ର ନିମନ୍ତ୍ରଣ। ରୋଷଣୀ ସହିତ ମହୀଧରପଡାର ନାରାୟଣ ଦେବ ଓ ଅରଡିଆପଦାର ରାଧାମାଧବ

ଦୋଳାୟମାନ ଗତିରେ ଆସି ଉପସ୍ଥିତ ହୋଇଥାନ୍ତି ଶ୍ରୀଜନାର୍ଦ୍ଦନଙ୍କ ନିକଟରେ। ସେହିଠାରେ ହରିହରି ଭେଟ ପରେ ଆରମ୍ଭ ହୋଇଥାଏ ବହୁ ପ୍ରତିକ୍ଷିତ ମେଳଣ। ଏହି ହରିହରି ଭେଟର ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ହଜାର ହଜାର ଜନତା ଜନାର୍ଦ୍ଦନ ନିର୍ନିମେଶ ନୟନରେ ଚାହିଁ ରହିଥାନ୍ତି। ହରିବୋଲ, ହୁଳହୁଳି ସାଙ୍ଗକୁ ଘଣ୍ଟ ଘଣ୍ଟାର ଧ୍ୱନୀରେ ଚାରିଆଡ ପ୍ରକମ୍ପିତ ହୋଇଉଠେ। ହରିହର ଭେଟ ପରେ ଧୀରେ ଧୀରେ ସବୁ ଦୋଳ ବିମାନ ଗୁଡିକ ରୋଷଣୀ ସହିତ ପ୍ରବେଶ କରିଥାନ୍ତି ମେଳଣ ପଡିଆକୁ। ସମସ୍ତ ଠାକୁରଙ୍କୁ ଭୋଗ ହାଣ୍ଡି ଦେଇ ନିମନ୍ତ୍ରିତ କରାଯାଇଥାଏ ପରବର୍ତ୍ତୀ ବର୍ଷ ମେଳଣକୁ। ଏହି ଭୋଗ ହାଣ୍ଡିରେ ରହିଥାଏ ଗୋଟିଏ ଗୋଟିଏ କେତକୀ ଫୁଲ। ଭୋର ସମୟରେ ଶ୍ରୀ ଲକ୍ଷେଶ୍ୱର ମହାଦେବ ପ୍ରବେଶ କରିଥାନ୍ତି ମେଳଣ ପଡିଆକୁ। ସେଠାରେ ହରିହର ଭେଟ ପରେ ଶେଷ ହୋଇଥାଏ ମେଳଣର ପର୍ବ। କିଛିବର୍ଷ ହେବ ଅରିଲୋ ମେଳଣ ସାରସ୍ୱତ କମିଟି ମାଧ୍ୟମରେ ପ୍ରକାଶିତ ହେଉଛି ବାର୍ଷିକ ମୁଖପତ୍ର 'ବାସନ୍ତିକ'। ଏହି ମୁଖପତ୍ରରେ କେବଳ ଅରିଲୋ ନୁହେଁ ଓଡ଼ିଶାର ପୁରପଲ୍ଲୀରେ ଅନୁଷ୍ଠିତ ବିଭିନ୍ନ ମେଳଣର ବିଶେଷତ୍ୱ ଉପରେ ତଥ୍ୟମାନ ପ୍ରକାଶ ପାଉଛି। ଉପଦେଷ୍ଟା ଶିକ୍ଷାବିତ୍ ଡ. ଶରତ କୁମାର ରଥ ଓ ସଂପାଦକ ଓ ସହ ସଂପାଦକ ଭାବରେ ସାହିତ୍ୟିକ ଲିଙ୍ଗରାଜ ମହାନ୍ତି ଓ ଗୋପାଳ ଚନ୍ଦ୍ର ମିଶ୍ର ବିଭିନ୍ନ ମେଳଣର ଐତିହ୍ୟ ଓ ସ୍ମୃତିକୁ ଲୋକଲୋଚନକୁ ଆଣିବାରେ ସଫଳ ପ୍ରୟାସ ଜାରି ରଖିଛନ୍ତି।





### ସେମାନେ ଯାହା କୁହନ୍ତି



ଶହଶହ ବର୍ଷ ପୂର୍ବରୁ ଜମିଦାର ଗଦାଧର ଚୌଧୁରୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଅରିଲୋ ମେଳଣରେ ୧୦୮ ଠାକୁରଙ୍କ ବିଜେ ହେଉଥିଲା। କିନ୍ତୁ ଏବେ ଏହି ବିମାନ ସଂଖ୍ୟା ୫୦କୁ କମି ଆସିଛି। ଫାଲ୍‌ଗୁନ ଶୁକ୍ଳ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହେଉଥିବା ଏହି ମେଳଣରେ ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥାଏ। ବସନ୍ତ ରାସରେ ଅନୁଷ୍ଠିତ ଏହି ମେଳଣ ୨ଟି ଜିଲ୍ଲାର ପ୍ରାୟ ୫୦ଟି ମୌଜାର ଲୋକମାନଙ୍କୁ ସ୍ନେହ ଓ ଭାଇଚାରା ରଜ୍ଜୁରେ ବାନ୍ଧି ରଖିଛି। ଏହି ମେଳଣ ଆମ ପରମ୍ପରା ଓ ଐତିହ୍ୟର ଏକ ସ୍ୱର୍ଣ୍ଣିମ ସ୍ୱାକ୍ଷର ବହନ କରେ।

- **ଲିଙ୍ଗରାଜ ମହାନ୍ତି**, ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ



୫୦୦ ବର୍ଷରୁ ଉର୍ଦ୍ଧ୍ୱ ଏହି ଐତିହ୍ୟ ସଂପନ୍ନ ଅରିଲୋ ମେଳଣ ଅଞ୍ଚଳବାସୀଙ୍କ ସ୍ନେହ, ପ୍ରେମ ଓ ଭାଇଚାରାର ଏକ ଅନନ୍ୟ ପର୍ବ। ରାତି ପାହିଲେ ଘଟିଥିବା ସମସ୍ତ ଅଘଟଣକୁ ଭୁଲି ଭାଇଚାରା ରଜ୍ଜୁରେ ବାନ୍ଧି ହୋଇ ପରସ୍ପର କୋଳାଗ୍ରତ ହେବା ଏହି ମେଳଣର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ। କିଛି ବର୍ଷ ହେବ ଅରିଲୋ ମେଳଣ ସାରସ୍ୱତ କମିଟି ଗଠନ କରି 'ବାସନ୍ତିକ' ନାମରେ ଏକ ପତ୍ରିକା ପ୍ରକାଶିତ କରିବା ସହ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ବିଭିନ୍ନ ଦୋଳ ମେଳଣର ଐତିହ୍ୟ ଓ ସ୍ମୃତିକୁ ଲୋକଲୋଚନକୁ ଆଣିବା ସହିତ ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ଏତଦ୍‌ବ୍ୟତୀତ ବିଦ୍ୟାଳୟସ୍ତରୀୟ ମେଳଣ ସମ୍ବନ୍ଧୀୟ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥାଏ।

- **ଡ. ଶରତ କୁମାର ରଥ,** ଉପଦେଷ୍ଟା ସାରସ୍ୱତ କମିଟି

## ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ସମାବେଶ



**ବାଙ୍କୀ,୨୨।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ବର୍ଷ ନୂତନ ଭାବେ ଖୋଲାଯାଇଥିବା ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ଛାତ୍ରଛାତ୍ରୀଙ୍କର ଏକ ସମାବେଶ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବନୀ ପ୍ରସାଦ ହୋତା ଯୋଗଦାନ କରି ଚଳିତ ବର୍ଷ ଏହି ବିଭାଗ ଖୋଲାଯିବା ଏକ ଆନନ୍ଦର ବିଷୟ ତଥା କଲେଜ ପାଇଁ ଏକ ସ୍ୱତନ୍ତ୍ର ଅଧ୍ୟାୟ ଯୋଡି ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ତଥା ସ୍ନାତକୋତ୍ତର ବିଭାଗ ସମୂହର ଡିନ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଅମରେନ୍ଦ୍ର ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ଡ. ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ଆରଏନ୍ଦୁ, ଅଧ୍ୟାପିକା ଦେବସ୍ମିତା ପଣ୍ଡା, ପୁରୁଷୋତ୍ତମ ଚଉରାସିଆ, ପୁଣ୍ୟତୋୟା ମହାପାତ୍ର ପ୍ରମୁଖ ଯୋଗଦାନ କରି ବିଭାଗର ଐତିହ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ସମାବେଶରେ ନୂତନ ଭାବେ ଯୋଗଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ୱର୍ଣ୍ଣପ୍ରଭା ସାହୁ ଓ ବିଜୟିନୀ ରାଉତ ଉକ୍ତ ସମାବେଶକୁ ପରିଚାଳନା କରିଥିଲେ।

## ଘନଘନ ବିଦ୍ୟୁତ୍ କାଟକୁ ନେଇ ଜନଅସନ୍ତୋଷ

**କଟକ,୨୨।୩(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଅଞ୍ଚଳରେ ଘନଘନ ବିଦ୍ୟୁତକାଟ ଯୋଗୁଁ ବ୍ୟାପକ ଜନ ଅସନ୍ତୋଷ ଦେଖାଦେଇଛି। ଏହି ଅଞ୍ଚଳରେ ପ୍ରତ୍ୟେକ ଦିନ ବିନା କୌଣସି ସୂଚନାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତକାଟ ହେଉଥିବା ବେଳେ ପ୍ରତି ସପ୍ତାହରେ ମରାମତି ଆଳରେ ମାଇକ ପ୍ରଚାର କରାଯାଇ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତକାଟ କରାଯାଉଛି। ଏଥିଯୋଗୁଁ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ପାଣିପାଗ ଠିକ ଥିବା ସତ୍ତ୍ୱେ ବିଦ୍ୟୁତକାଟ ହେଉଥିବାବେଳେ କାରଣ ସମ୍ପର୍କରେ ପଚାରିଲେ କେହି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ସ୍ଥାନୀୟ ବିଦ୍ୟୁତ ଯନ୍ତ୍ରୀ କିମ୍ବା କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚାରିଲେ ନିଜର ଦୋଷ ଛଡ଼ାଇବା ପାଇଁ 'ଉପରୁ କଟିଛି' କହି ଦାୟିତ୍ୱରୁ ମୁକୁଳି ଯାଉଛନ୍ତି। ଯଦି ଏପରି ଭାବରେ ବିଦ୍ୟୁତକାଟ ଜାରି ରୁହେ ତା'ହାଲେ ଆଗାମୀ ଦିନରେ ବିଦ୍ୟୁତ ବିତରଣ କରୁଥିବା ଟାଟା ପାୱାର ବିରୋଧରେ ଆନ୍ଦୋଳନ କରାଯିବ ବୋଲି କନ୍ଦରପୁର ଉନ୍ନୟନ ପରିଷଦର କାଳିନ୍ଦୀ ଚରଣ ସ୍ୱାଇଁ, ହୃଦାନନ୍ଦ ଆଚାର୍ଯ୍ୟ, ଅଭୟ ସ୍ୱାଇଁ, ମିର୍ଜା ହିଦାୟତୁଲ୍ଲା, ଜୀବନ ଜେନା, ଶଶିକାନ୍ତ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ପ୍ରଶାନ୍ତ ତରାଇ ପ୍ରମୁଖ କହିଛନ୍ତି।

## ୪୨ମୌଜାରେ ପୁଲିସର ଫ୍ଲାଗ ମାର୍ଚ୍ଚ

**କଟକ,୨୨।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଏବଂ ଅସାମାଜିକ କାର୍ଯ୍ୟକଳାପ କାର୍ଯ୍ୟକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ କମିଶନରେଟ ପୁଲିସ ଅନ୍ତର୍ଗତ ୪୨ମୌଜା ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ୪୨ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସନ୍ତୋଷ କୁମାରଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ସିଆରପିଏଫ୍ ଯବାନ ଓ ୪୨ମୌଜା ଥାନା ପୁଲିସ ଏହି ଫ୍ଲାଗ ମାର୍ଚ୍ଚ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ଅଞ୍ଚଳର ଜନସାଧାରଣ ନିର୍ଭୟରେ ଭୋଟ ପ୍ରଦାନ କରିବା ଓ ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଏହି ଫ୍ଲାଗ ମାର୍ଚ୍ଚ ହୋଇଥିବା କହିଥିବାବେଳେ ସମସ୍ତ ଭୋଟର ଗଣତନ୍ତ୍ରର ଏହି ମହାନ ପର୍ବରେ ଅଂଶଗ୍ରହଣ କରି ନିର୍ଭୟରେ ନିଜର ମତଦାନ ସାବ୍ୟସ୍ତ କରିବା ପାଇଁ ଆଇଆଇସି ଶ୍ରୀ ମହାରଣା ଅନୁରୋଧ କରିଛନ୍ତି।



### ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ ମେଳା

## ପଞ୍ଜିକୃତ ହେଲେ ୫୨ ବ୍ୟବସାୟୀ



**ଟାଙ୍ଗୀ,୨୨।୩(ସମିସ)**

ସୁରକ୍ଷିତ ଆହାର ଓ ସ୍ୱାସ୍ଥ୍ୟର ଆଧାର ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଖାଦ୍ୟ ନିରାପତ୍ତା ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଖାଦ୍ୟ ସାମଗ୍ରୀ ବ୍ୟବସାୟୀଙ୍କ ପଞ୍ଜିକରଣ ମେଳା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ମଧୁସ୍ମିତା ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ଅଭିନନ୍ଦିତା ପରିଡା ଓ ରାଜେଶ ସାହୁ ପ୍ରମୁଖ ଯୋଗଦାନ କରି ଆୟୋଜିତ ମେଳାରେ ଟାଙ୍ଗୀ ବଜାରର ମୋଟ ୫୨ଜଣ ବ୍ୟବସାୟୀ ଯୋଗଦାନ ପୂର୍ବକ ନିଜର ନାମ ପଞ୍ଜିକରଣ କରିଥିବା ଜାଣିବାକୁ ମିଳିଛି। ଶେଷରେ ଡାଟା ମ୍ୟାନେଜର ଚନ୍ଦ୍ରଶେଖର ବାଇ ଧନ୍ୟବାଦ ଦେଇଥିଲେ। ଏହି ପଞ୍ଜିକରଣ କାର୍ଯ୍ୟକ୍ରମ ନିମନ୍ତେ ବଣ୍ଟନ କରାଯାଇଥିବା ପ୍ରଚାର ପତ୍ର ସାଧାରଣରେ ଚର୍ଚ୍ଚାକୁ ଆସିଛି। ଉକ୍ତ ପ୍ରଚାର ପତ୍ରରେ କୌଣସି ସରକାରୀ ଚିହ୍ନବର୍ଣ୍ଣ ନ ଥିବାବେଳେ ଭାଷାଗତ ତ୍ରୁଟି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମଦ ଦୋକାନ ବନ୍ଦ କରିବାକୁ ଦାବି

**କଟକ,୨୨।୩(ସମିସ):** ଶୁକ୍ରବାର ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ, କଟକ ୫୭ନଂ ୱାର୍ଡ ଅଧୀନ ଜାତୀୟରାଜପଥ ୧୬ ପାଶ୍ୱର୍ ବାଲିକୁଦା ଛକରେ ଏକ ମଦ ଦୋକାନ ଓ ବାର୍ ଅନୁମତିକୁ ରଦ୍ଦ କରିବା ସହିତ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବି କରି ପରିଷଦର ସଭାପତି ତଥା ସାମାଜିକ କର୍ମୀ ସୁକାନ୍ତ ସେଠୀ, କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜାତୀୟ ରାଜପଥ-୧୬ ବାଲିକୁଦା ଗ୍ରାମରେ ମଦ ଦୋକାନ ଖୋଲାଗଲେ ଅସାମାଜିକ, ଗୁଣ୍ଡା, ବଦମାସ୍, ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଆତଙ୍କ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ହତ୍ୟା, ଲୁଟ୍‌ପାତ, ରାହାଜାନି ଘଟଣା ବୃଦ୍ଧି ପାଇବ। ଗ୍ରାମ ସହିତ ଜାତୀୟ ରାଜପଥରେ ଯାଉଥିବା ଝିଅ ବୋହୁ, ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିବ। ତୁରନ୍ତ ସେଠାରେ ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଶ୍ରୀ ସେଠୀ ଦାବି କରିଛନ୍ତି। ପରିଷଦର ଅଭିଯୋଗକୁ ଗ୍ରହଣ କରିବା ସହିତ ବିଚାରକୁ ନେଇ ଅବକାରୀ ବିଭାଗର ଅଧିକ୍ଷକ ଶ୍ରୀ ପଟେଲ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।



## ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାଙ୍କୀ,୨୨।୩(ସମିସ):** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶେଷ ବର୍ଷର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ଡକ୍ଟର ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ଶ୍ୟାମଲାଲ୍ ଭୋଏ, ଅଧ୍ୟାପକ ପ୍ରସନଜିତ୍ ରଥ, କୁମୁଦରଞ୍ଜନ ମହାରଣା ଓ ଅବିନାଶ ପରିଡା ପ୍ରମୁଖ ଯୋଗଦାନ କରି ବିଭାଗର ଗାରିମା ଉପରେ ଆଲୋକପାତ କରିଥିଲେ। ପାଠଚକ୍ର ସଂପାଦିକା ଚିନ୍ମୟୀ ସାହୁ ବିବରଣୀ ପାଠ କରିଥିଲେ। ଆଗାମୀ ବର୍ଷ ପାଇଁ ପାଠଚକ୍ର ସମ୍ପାଦିକା ଭାବେ ଲିଲିମା କାଣ୍ଡିଙ୍କୁ ବିଭାଗୀୟ ମୁଖ୍ୟ ମନୋନୀତ କରିଥିଲେ। ପ୍ରଥମ ବର୍ଷର ଛାତ୍ରୀ ରମାଦେବୀ ରାଉତରାୟ ଧନ୍ୟବାଦ ଦେଇଥିଲେ।



